# NATIONAL NEWS BULLETIN (ODIA)
## 17 July - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଦେଶରେ ଏକ ବିଶ୍ୱସ୍ତରୀୟ ଔଷଧ ନିୟାମକ ଢାଞ୍ଚା ସୃଷ୍ଟି ଉପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଗୁରୁତ୍ୱାରୋପ ।
- ମରିସସ୍‌ର ଦୁଇ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସହ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କରଙ୍କ ଦ୍ୱିପାକ୍ଷିକ ଆଲୋଚନା ।
- ଯୁବବର୍ଗ ଦେଶର ଭବିଷ୍ୟତ ନିର୍ଦ୍ଧାରକ ବୋଲି କହିଲେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ।
- ପୁରୀ ଶ୍ରୀକ୍ଷେତ୍ରରେ ରଥାରୂଢ଼ ଶ୍ରୀଜୀଉଙ୍କର ଆଜି ଅନୁଷ୍ଠିତ ହେଉଛି ସୁନାବେଶ; ଆସନ୍ତାକାଲି ଅଧରପଣା ନୀତି ।

ଏବଂ

- କ୍ରୀଡ଼ା ମନ୍ତ୍ରଣାଳୟ’ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ୧୧୭ ଜଣ ଖେଳାଳିଙ୍କ ନାମ କଲା ଚୂଡ଼ାନ୍ତ ।

# ନଡ୍ଡା-ରିଭ୍ୟୁ ମିଟିଂ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡା ବିଶ୍ୱର ଔଷଧ ଶିଳ୍ପ କ୍ଷେତ୍ରର ଖ୍ୟାତି ସହ ଦେଶ ତାଳ ଦେବା ପାଇଁ ଏକ ବିଶ୍ୱସ୍ତରୀୟ ଔଷଧ ନିୟାମକ ଢାଞ୍ଚା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଉତ୍ପାଦର ସର୍ବୋଚ୍ଚ ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଔଷଧ ଏବଂ ଚିକିତ୍ସା ଯନ୍ତ୍ରାଂଶ ଶିଳ୍ପ ମୁଖ୍ୟଙ୍କ ସହିତ ନିରନ୍ତର ଆଲୋଚନା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଶ୍ରୀ ନଡ୍ଡା ଆଜି ଔଷଧ, କସମେଟିକ୍ସ ଏବଂ ଚିକିତ୍ସା ଉପକରଣର ନିୟନ୍ତ୍ରଣ ଉପରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଔଷଧର ଅଗ୍ରଣୀ ଉତ୍ପାଦକ ଏବଂ ରପ୍ତାନିକାରୀ ଭାବରେ ଦେଶର ବିଶ୍ୱସ୍ତରୀୟ ସ୍ଥିତି ଉପରେ ଆଲୋକପାତ କରି ସେ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ (ସିଡିଏସସିଓ) ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ନଡ୍ଡା, ବିଶ୍ୱସ୍ତରୀୟ ମାନଦଣ୍ଡ ହାସଲ କରିବା ପାଇଁ ସମୟସୀମା ସହିତ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ସି.ଡି.ଏସ୍.ସି.ଓ.କୁ ପରାମର୍ଶ ଦେଇଥିଲେ। ରପ୍ତାନି କରାଯାଉଥିବା ଔଷଧର ଗୁଣବତ୍ତା ବଜାୟ ରଖିବା ପାଇଁ ଉପଯୁକ୍ତ ହସ୍ତକ୍ଷେପ ପାଇଁ ଏହି ବ୍ୟବସ୍ଥା ପ୍ରସ୍ତୁତ କରାଯିବା ଉଚିତ ବୋଲି ସେ କହିଛନ୍ତି।  ଔଷଧ ନିୟାମକ ସଂସ୍ଥା ଏବଂ ଶିଳ୍ପ ସ୍ୱଚ୍ଛତାର ସର୍ବୋଚ୍ଚ ନୀତି

ଉପରେ କାର୍ଯ୍ୟ କରିବା ଉଚିତ ଯଦ୍ୱାରା ଦେଶର ଉତ୍ପାଦିତ ଏବଂ ବିକ୍ରି ହେଉଥିବା ଉତ୍ପାଦଗୁଡିକ ବିଶ୍ୱସ୍ତରୀୟ ଗୁଣାତ୍ମକ ମାନର ସର୍ବୋଚ୍ଚ ସୂଚକାଙ୍କ ପୂରଣ କରିବା ସୁନିଶ୍ଚିତ ହୋଇପାରିବ ବୋଲି ଶ୍ରୀ ନଡ୍ଡା କହିଛନ୍ତି। ସେ କହିଛନ୍ତି, ଔଷଧ ଶିଳ୍ପ କ୍ଷେତ୍ରରେ ବ୍ୟବସାୟକୁ ସହଜ ଓ ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା ବିକଶିତ କରିବା ଉପରେ ଧ୍ୟାନ ଦିଆଯିବା ଉଚିତ୍।

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ନଡ୍ଡା' ଅଧିକାରୀ ଓ ଅଂଶୀଦାରମାନଙ୍କୁ ସେମାନଙ୍କ ସମସ୍ୟା ବୁଝିବା ସହ ଉତ୍ପାଦର କ୍ଷମତା ଓ ଗୁଣବତ୍ତାକୁ ସୁଦୃଢ଼ କରିବା ପାଇଁ ସହଯୋଗ କରିବାକୁ କହିଥିଲେ।

## ଜୟଶଙ୍କର-ମରିସସ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ମରିସସ୍ ଗସ୍ତ ଅବସରରେ ଆଜି ସେହି ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ନବୀନ ରାମଗୁଲାମ ଏବଂ ପଲ୍ ବେରେଞ୍ଜରଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଡକ୍ଟର ନବୀନ ରାମଗୁଲାମଙ୍କ ସହ ଆଲୋଚନା ପରେ ଡକ୍ଟର ଜୟଶଙ୍କର କହିଛନ୍ତି, ଦୁଇ ଦେଶର ଅଭିବୃଦ୍ଧି ନିମନ୍ତେ ଦ୍ୱିପକ୍ଷୀୟ ଭାଗିଦାରୀ ସମ୍ପର୍କ ଏବଂ ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଶ୍ରୀ ପଲ୍ଙ୍କ ସହ ଆଲୋଚନାରେ ବୈଶ୍ୱିକ ପ୍ରସଙ୍ଗ

ସ୍ଥାନ ପାଇଥିଲା ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି। ଶ୍ରୀ ଜୟଶଙ୍କର' ବିରୋଧୀ ଦଳ ନେତା ଡକ୍ଟର ଅରବିନ୍ଦ ବୋଲେଲଙ୍କ ସହ ମଧ୍ୟ ସାକ୍ଷାତ ଆଲୋଚନା କରିଛନ୍ତି। ଉଭୟ ନେତା ଭାରତ-ମରିସସ୍ ସମ୍ପର୍କ ଏବଂ ଭାରତୀୟ ସାମୁଦ୍ରିକ ଅଞ୍ଚଳରେ ସମୃଦ୍ଧି ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି।

## ମାଣ୍ଡବୀୟ- ଆୱାର୍ଡସ ଇନ୍‌ଟ୍ରାକସନ୍

ଯୁବବର୍ଗ ଦେଶର ଭବିଷ୍ୟତ ନିର୍ଦ୍ଧାରକ ବୋଲି ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି। ନୂଆଦିଲ୍ଲୀଠାରେ ଜାତୀୟ ଯୁବ ପୁରସ୍କାର ବିଜେତା ଓ ଜାତୀୟ ସେବା ଯୋଜନା-ଏନଏସ୍ଏସ୍ ସମ୍ମାନପ୍ରାପ୍ତ ଯୁବଗୋଷ୍ଠୀ ସହ ଭାବବିନିମୟ ବେଳେ ମନ୍ତ୍ରୀ ଡକ୍ଟର ମାଣ୍ଡବ୍ୟ ଏହା କହିଛନ୍ତି। ସେ କହିଛନ୍ତି, ଯୁବବର୍ଗଙ୍କୁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ସଶକ୍ତ କରିବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ। ସେ କହିଛନ୍ତି, ଯୁବବର୍ଗଙ୍କ ମଧ୍ୟରେ ଥିବା ରୂପାନ୍ତରଣ ଶକ୍ତି ଦେଶକୁ ବିକାଶ ପଥରେ ଆଗେଇ ନେବା ସହ ଅଭିନବତ୍ୱ ଆଣିବାରେ ବିଶେଷ ସହାୟକ ହେବ।

'ମାଇ ଭାରତ ପ୍ଲାଟଫର୍ମ'ର ପରିସରକୁ ବ୍ୟାପକ କରିବା ଦିଗରେ ଯୁବ ନେତୃତ୍ୱର ଆବଶ୍ୟକତା ଥିବାରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ,

'ମାଇ ଭାରତ ପ୍ଲାଟଫର୍ମ'ରେ ଯୁବବର୍ଗଙ୍କ  ଗଠନମୂଳକ ଚିନ୍ତାଧାରାକୁ ସ୍ଥାନିତ କରାଯାଉଛି। ଏହି ପ୍ଲାଟଫର୍ମକୁ ଅଧିକ ତଥ୍ୟଭିତ୍ତିକ, ଭାବବିନିମୟକାରୀ ଓ ଉପଯୋଗକାରୀରେ ପରିଣତ କରିବା ଲାଗି ପୁରସ୍କାରପ୍ରାପ୍ତ ଯୁବବର୍ଗଙ୍କ ପ୍ରସ୍ତାବଗୁଡ଼ିକୁ ଅଗ୍ରାଧିକାର ଦିଆଯାଉଛି।

## କାଲକାଟା- ଏଚ୍‌ସି ମମତା ବାନାର୍ଜୀ

ରାଜ୍ୟପାଳ ଡକ୍ଟର ସି.ଭି. ଆନନ୍ଦ ଘୋଷଙ୍କ ବିରୋଧରେ ମାନହାନୀସୂଚକ ମନ୍ତବ୍ୟ ଦେବାରୁ ବିରତ ରହିବା ଲାଗି କାଲକାଟା ହାଇକୋର୍ଟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ କ୍ରିଷ୍ଣା ରାଓଙ୍କ ଜଣିକିଆ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ରାଜଭବନ ଯିବାରେ ମହିଳାମାନେ ନିରାପଦ ଅନୁଭବ କରୁନଥିବା ନେଇ ତାଙ୍କୁ ଜଣାଇଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରକାଶ କରିଥିଲେ। ଏଭଳି ମନ୍ତବ୍ୟ ଦେଇଥିବାରୁ ରାଜ୍ୟପାଳ ଡକ୍ଟର ବୋଷ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ହାଇକୋର୍ଟରେ ମାନହାନୀ ମୋକଦ୍ଦମା କରିଥିଲେ। ତେବେ ମୁଖ୍ୟମନ୍ତ୍ରୀ କୋର୍ଟଙ୍କୁ ଜଣାଇଥିଲେ, କିଛି ମହିଳା ରାଜଭବନ ଯିବାକୁ ନିରାପଦ ମଣୁନଥିବାରୁ ସମ୍ମୁଖୀନ ହେଉଥିବାରୁ ସେ ଏଭଳି ମନ୍ତବ୍ୟ ଦେବା ମାନହାନୀ ପର୍ଯ୍ୟାୟଭୁକ୍ତ ହେଉନାହିଁ।

## ପୁରୀ- ସୁନାବେଶ

ଶ୍ରୀ ହରିଶୟନ ଏକାଦଶୀ ତିଥି ଅବସରରେ ପୁରୀ ଶ୍ରୀକ୍ଷେତ୍ରରେ ସିଂହଦ୍ୱାର ସମ୍ମୁଖରେ ଥିବା ତିନି ରଥ ଉପରେ ଶ୍ରୀଜୀଉମାନଙ୍କର ଆଜି ସୁନାବେଶ ବା ବଡ଼ତଡ଼ାଉ ବେଶ ଅନୁଷ୍ଠିତ ହେଉଛି। ସକାଳେ ମହାପ୍ରଭୁଙ୍କର ମଙ୍ଗଳ ଆଳତୀ, ଅବକାଶ, ଗୋପାଳବଲ୍ଲଭ, ସକାଳଧୂପ, ମଧ୍ୟାହ୍ନଧୂପ ପରେ ଏକାଦଶୀ ସର୍ବାଙ୍ଗ ନୀତି ଶେଷ ହୋଇଥିଲା। କଡ଼ା ସୁରକ୍ଷା ମଧ୍ୟରେ ସୁନାବେଶ ପାଇଁ ଆବଶ୍ୟକୀୟ ରତ୍ନ ଅଳଙ୍କାରକୁ ତିନି ରଥ ଉପରକୁ ବିଜେ କରାଯାଇ ଦଇତାପତି, ପୁଷ୍ପାଳକ ଓ ଅନ୍ୟାନ୍ୟ ସେବକମାନେ ବିଗ୍ରହମାନଙ୍କୁ ସଜ୍ଜିତ କରିଥିଲେ। ସନ୍ଧ୍ୟା ୫ଟାରୁ ସୁନାବେଶ ଆରମ୍ଭ ହୋଇ ଦର୍ଶନ ଜାରି ରହିଛି। ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଏହି ବେଶ ଦର୍ଶନ ରଖାଯିବା ନେଇ ସ୍ଥିର କରାଯାଇଛି। ରଥ ଉପରେ ଆସନ୍ତାକାଲି ଠାକୁରଙ୍କର ଅଧରପଣା ନୀତି ଅନୁଷ୍ଠିତ ହେବ।

## କୋଲକାତା- ମିନିଷ୍ଟର ଅଫ୍ ପାୱାର

କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ଆଜି ଦାମୋଦର ଭ୍ୟାଲି କର୍ପୋରେସନ (ଡିଭିସି) ମୁଖ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଖଟ୍ଟର କହିଛନ୍ତି, ଡିଭିସି ହେଉଛି ଭାରତର ପ୍ରଥମ ବହୁମୁଖୀ ନଦୀ ପ୍ରକଳ୍ପ। ଦେଶର ବିକାଶରେ ଏହାର ଅବଦାନ ବିଶେଷ ଭାବେ ରହିଥିବା ସେ କହିଛନ୍ତି। ଏହି

ବୈଠକରେ ଡିଭିସି ଅଧ୍ୟକ୍ଷ ଏସ୍ ସୁରେଶ ଓ ଅନ୍ୟ ଉଚ୍ଚସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶକ୍ତି କ୍ଷେତ୍ରରେ ନବୀକରଣର ଶକ୍ତିର ଅଂଶ ବୃଦ୍ଧି ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

## ରେଲୱେ- ନହ୍ନି ଫରିସ୍ତେ

ରେଳ ସୁରକ୍ଷା ବଳ' ୨୦୧୮ରୁ ଚଳିତ ବର୍ଷ ମେ' ମାସ, ଗତ ୭ ବର୍ଷ ମଧ୍ୟରେ 'ନହ୍ନେ ଫରିସ୍ତେ' ଅଭିଯାନରେ ୮୪ ହଜାରରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ଉଦ୍ଧାର କରିଛି। ରେଳ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବିଭିନ୍ନ ଭାରତୀୟ ରେଳ ଜୋନ୍ ଅଞ୍ଚଳରୁ ଶିଶୁମାନଙ୍କୁ ଉଦ୍ଧାର କରାଯାଇ ସେମାନଙ୍କୁ ଆବଶ୍ୟକୀୟ ଯତ୍ନ ଏବଂ ସୁରକ୍ଷା ପ୍ରଦାନ କରିବା 'ନହ୍ନେ ଫରିସ୍ତେ' ଅଭିଯାନର ଉଦ୍ଦେଶ୍ୟ। ମନ୍ତ୍ରଣାଳୟ କହିଛି, ଆର୍‌ପିଏଫ୍ ଦ୍ୱାରା ଉଦ୍ଧାର କରାଯାଉଥିବା ଶିଶୁମାନଙ୍କୁ ଜିଲ୍ଲା ଶିଶୁ କଲ୍ୟାଣ କମିଟିକୁ ପ୍ରଥମେ ଦିଆଯାଇଥାଏ, ପରେ ସେମାନଙ୍କ ପିତାମାତାଙ୍କୁ ହସ୍ତାନ୍ତର କରାଯାଇଥାଏ। ଏହି ଅଭିଯାନ ହଜାର ହଜାର ଶିଶୁଙ୍କ ପାଇଁ ଜୀବନ ରେଖା ସଦୃଶ ବୋଲି ମନ୍ତ୍ରଣାଳୟ କହିଛି। ରେଳବାଇ ଜୋନ୍‌ରୁ ଉଦ୍ଧାର ହୋଇଥିବା ଶିଶୁମାନେ ସାଧାରଣତଃ ମାନସିକ ଅନଗ୍ରସର, ଅବହେଳିତ, ନିଖୋଜ, ଅପହୃତ ହୋଇଥାଆନ୍ତି। ଚଳିତ ବର୍ଷର ପ୍ରଥମ ୫ ମାସ ମଧ୍ୟରେ ଆର୍‌ପିଏଫ୍ ୪ ହଜାର ୬୦୭ ଜଣ ଶିଶୁଙ୍କୁ ଉଦ୍ଧାର କରିଛି। ଯାହାକି ଗତ ବର୍ଷ ଏହି ସମୟ ମଧ୍ୟରେ ୧୧ ହଜାର ୭୯୪ ଶିଶୁଙ୍କୁ ଉଦ୍ଧାର କରାଯାଇପାରିଥିଲା।

## ହରିୟାଣା- ଅଗ୍ନିବୀର ରିଜର୍ଭବେସନ

ଅଗ୍ନିବୀରମାନଙ୍କୁ ପୁଲିସ, ଖଣି ଓ ଜେଲ୍ ବିଭାଗରେ ନିଯୁକ୍ତି କ୍ଷେତ୍ରରେ ହରିୟାଣା ସରକାର ୧୦ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଚଣ୍ଡୀଗଡ଼ଠାରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ନାଏବ ସିଂ ସୈନି କହିଛନ୍ତି, ଅଗ୍ନିବୀରମାନଙ୍କୁ କନେଷ୍ଟବଲ, ଖଣି ସୁରକ୍ଷାକର୍ମୀ, ବନସୁରକ୍ଷା କର୍ମଚାରୀ, ଜେଲୱାର୍ଡେନ୍ ଆଦି କ୍ଷେତ୍ରରେ ସିଧାସଳଖ ୧୦ ପ୍ରତିଶତ ନିଯୁକ୍ତି ଦିଆଯିବ। ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ କ୍ଷେତ୍ରରେ ବୟସସୀମା ୩ ବର୍ଷ କୋହଳର ବ୍ୟବସ୍ଥା ରଖାଯାଇଥିବାବେଳେ ପ୍ରଥମ ବ୍ୟାଚ୍‌ରେ ଆସିଥିବା ଅଗ୍ନିବୀରମାନଙ୍କ ପାଇଁ ୫ ବର୍ଷ ବୟସସୀମା କୋହଳ କରାଯାଇଛି। ସେହିଭଳି ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ପାଇଁ ୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିବା ବେଳେ ଦ୍ୱିତୀୟ ଶ୍ରେଣୀ କର୍ମଚାରୀଙ୍କ ପାଇଁ ୧ ପ୍ରତିଶତ ସଂରକ୍ଷଣ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

## ମହରମ

ସମଗ୍ର ଦେଶରେ ଆଜି ଶ୍ରଦ୍ଧା ଓ ସଦ୍‌ଭାବନାର ସହ ମହରମ ପର୍ବ ପାଳନ କରାଯାଉଛି । ପ୍ରଫେଟ ମହମ୍ମଦଙ୍କ ନାତି ହଜରତ ଇମାମ ହୁସେନଙ୍କର ଆଜି ହେଉଛି ମହାପ୍ରୟାଣ ଦିବସ । ଦିଲ୍ଲୀରେ ଜାମ୍ମା ମସ୍‌ଜିଦ୍, ନିଜାମୁଦ୍ଦିନ, ଅଖଲା ଏବଂ ମହାରୁଲି ସହିତ ବିଭିନ୍ନ ସ୍ଥାନରେ

ତାଜିଆ ଶୋଭାଯାତ୍ରା ବାହାରିଥିଲା । ଦିଲ୍ଲୀ ଟ୍ରାଫିକ୍ ପୋଲିସ୍ ତାଜିଆ ଶୋଭାଯାତ୍ରା ପାଇଁ କେତେକ ସ୍ଥାନରେ କଟକଣା ଜାରି କରିଛନ୍ତି । ଦେଶରେ ଏଥିଲାଗି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

ଉତ୍ତରପ୍ରଦେଶ ପ୍ରଶାସନ ପକ୍ଷରୁ ସବୁ ଜିଲ୍ଲାର ସମ୍ବେଦନଶୀଳ ସ୍ଥାନରେ  ଅତିରିକ୍ତ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି । ଲକ୍ଷ୍ନୌ, କାନପୁର, ମିରଟ, ଗୋରଖପୁର, ଆମ୍ବେଦକରନଗର ଏବଂ ଅନ୍ୟ ଜିଲ୍ଲାଗୁଡ଼ିକରେ ଶୋଭାଯାତ୍ରା ବାହାରିବା ରାସ୍ତାରେ ଚଳିତଥର ସିସିଟିଭି କ୍ୟାମେରାର ବ୍ୟବସ୍ଥା କରାଯାଇଛି। ଲକ୍ଷ୍ନୌର ବିଭିନ୍ନ ସ୍ଥାନରେ ଟ୍ରାଫିକ କଟକଣା କରାଯାଇଛି । ତେଲଙ୍ଗାନାର ବିଭିନ୍ନ ସ୍ଥାନରେ ବିଶେଷକରି ହାଇଦ୍ରାବାଦରେ ଶ୍ରଦ୍ଧା ଓ ସଦ୍‌ଭାବନାର ସହ ମହରମ ପର୍ବ ପାଳନ କରାଯାଉଛି ।

## ଇଣ୍ଡିଆନ୍ ଅଲିମ୍ପିକ୍ସ କଣ୍ଟିଜେଣ୍ଟ

ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଭାରତର ଚୂଡ଼ାନ୍ତ ମନୋନୀତ କ୍ରୀଡ଼ାବିତ୍ ଦଳକୁ କ୍ରୀଡ଼ା ମନ୍ତ୍ରଣାଳୟ ଅନୁମୋଦନ କରିଛି। ଏହି ଦଳରେ ୧୧୭ ଜଣ କ୍ରୀଡ଼ାବିତଙ୍କ ସହ ୧୪୦ ଜଣ ସହଯୋଗୀ ଅଧିକାରୀ ଓ କର୍ମଚାରୀ ରହିଛନ୍ତି। ଚଳିତ ମାସ ୨୬ ତାରିଖରୁ ଆସନ୍ତା ମାସ ୧୧ ତାରିଖ ପର୍ଯ୍ୟନ୍ତ ଅଲିମ୍ପିକ୍ସ ଚାଲିବ।

ମନୋନୀତ ଦଳ ମଧ୍ୟରେ ଆଥଲେଟିକ୍ସରେ ସର୍ବାଧିକ ୨୯ ଜଣ ସ୍ଥାନ ପାଇଛନ୍ତି। ସେହିପରି ବନ୍ଧୁକଚାଳନରେ ୨୧ ଏବଂ ହକିରେ ୧୯ ଜଣ ସ୍ଥାନ ପାଇଛନ୍ତି । ଟେବୁଲ ଟେନିସରେ ୮ ଜଣ ଏବଂ ବ୍ୟାଡମିଣ୍ଟନରେ ଦୁଇ ଥର ଅଲିମ୍ପିକ୍ସ ପଦକ ବିଜେତା ପି.ଭି ସିନ୍ଧୁଙ୍କ ସମେତ ୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। କୁସ୍ତି, ତୀରନ୍ଦାଜି ଓ ବକ୍ସିଂରେ ୬ ଜଣ ଲେଖାଏଁ ପ୍ରତିନିଧି ଥିବା ବେଳେ ଗଲ୍ଫରେ ୪ ଓ ଟେନିସ୍‌ରେ ୩ ଜଣ ଲେଖାଏ ଖେଳାଳି ରହିବେ। ସୁଇମିଂ ଓ ସେଲିଂରେ ୨ ଜଣ ଲେଖାଏଁ ଏବଂ ଅଶ୍ୱାରୋହଣ, ଜୁଡୋ, ରୋଇଂ ଓ ଭାରୋତ୍ତୋଳନରେ ଜଣେ ଲେଖାଏ ଏହି ଦଳରେ ସାମିଲ ହୋଇଛନ୍ତି।